# ପିଲାଙ୍କ ଧରିତ୍ରୀ

ଶନିବାର, ୨୫ ଜାନୁୟାରୀ, ୨୦୨୦




ଗପ ୭

୩ ଆସ ପାଳିବା ସାଧାରଣତନ୍ତ୍ର ଦିବସ

କବିତା ୬

## ମତାମତ

ଗପ ସ୍ତମ୍ଭରେ ପ୍ରକାଶ ପାଇଥିବା 'ସଫା ମନ' ବେଶ୍ ଶିକ୍ଷଣୀୟ ଥିଲା। ପ୍ରତିଥର ପ୍ରକାଶ ପାଉଥିବା ଚଗଲା ଭୀମୁ ଭଲ ଲାଗୁଛି। ଏଥରର ପ୍ରତିଟି ହସକଥା ପଢ଼ି ଖୁବ୍ ହସିଲି।
**- ସ୍ନିଗ୍ଧା ସାମଲ**, ନୂଆଗଡ଼, ଜଗତ୍‌ସିଂହପୁର

ଆସ ଜାଣିବା ସ୍ତମ୍ଭରେ ପ୍ରକାଶିତ ଆଷ୍ଟ୍ରୋନୋମିକାଲ ମ୍ୟୁଜିୟମ ବିଷୟରେ ପଢ଼ିଲି। ତାଇପେଇଠାରେ ଥିବା ଏହି ମ୍ୟୁଜିୟମ୍ ବାସ୍ତବରେ ଭ୍ରମଣଯୋଗ୍ୟ ସ୍ଥାନ।
**- ସୌମ୍ୟା ପଣ୍ଡା**, ଦ୍ରିଦାଶପୁର, ନୟାଗଡ଼

ପିଲାଙ୍କ ଧରିତ୍ରୀରେ ପ୍ରକାଶ ପାଉଥିବା ଚଗଲା ଭୀମୁ, ବିନ୍ଦୁ ଯୋଡ଼, ଆସ ଖୋଜିବା ଓ ରଙ୍ଗ ଦିଅ ମୋର ଖୁବ୍ ପସନ୍ଦ।
**- ଉତ୍କଳିକା ଦାସ**, ମାର୍କୋଣା, ବାଲେଶ୍ୱର

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡ଼ିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

## ଖିଲିଖିଲି ହସ

ଜଣେ ଭିକାରୀ ଭିକ ମାଗି ଚଳେ। ସେ ପ୍ରତିଦିନ ଭିକ ମାଗି ମାଗି ବିରକ୍ତ ହୋଇଯାଇ କହିଲା– ହେ ଭଗବାନ୍,ମୋତେ ଏମିତି ଏକ ଖାଦ୍ୟ ଦିଅନ୍ତୁ ଯାହାକୁ ମୁ ଖାଇବି ହେଲେ ସେ ଜମା ବି ସରୁ ନ ଥିବ। ଭଗବାନ୍– ତଥାସ୍ତୁ, ଏଇ ନିଅ ଚୁଇଂଗମ୍!

ଶିକ୍ଷକ: ସୋନୁ , ତୁମେ ଗଣିତରେ ଫେଲ୍ ହୋଇଛ।
ସୋନୁ: ସାର୍, ମୁଁ କ'ଣ କରିବି ? ଆପଣତ ଭୁଲ୍ ପଢ଼ାଉଛନ୍ତି। କେତେବେଳେ କହୁଛନ୍ତି ୪ ସହିତ ୪ ମିଶିଲେ ଆଠ, ଆଉ କେତେବେଳେ ୬ସହିତ ୨ ମିଶିଲେ ୮ ଆଉ କେତେବେଳେ ୫ସହ ୩ ମିଶିଲେ ୮।

ଶିକ୍ଷକ କ୍ଲାସ୍‌ରେ ପଢ଼ାଉଥିବା ସମୟରେ ପଚାରିଲେ–ଆଚ୍ଛା, ପିଲାମାନେ କହିଲ, ବାବର କେବେ ଭାରତ ଆସିଥିଲେ ?
ମିଣ୍ଟୁ: ସାର୍, ମୁଁ ଜାଣିନି।
ଶିକ୍ଷକ: ବ୍ଲାକ୍‌ବୋର୍ଡରେ ପରା ଲେଖାହୋଇଛି ନାମ ସହିତ ମସିହା
ମିଣ୍ଟୁ: ସାର୍, ମୁଁ ଭାବିଲି ବାବରଙ୍କ ସେଇଟା ମୋବାଇଲ ନମ୍ବର।

## ବିନ୍ଦୁ ଯୋଡ଼



## ଗପ

# ସଫଳତାର ମନ୍ତ୍ର



ଲକି ଓ ସୋନାଲି, ଦୁହେଁ ପିଲାବେଳର ସାଙ୍ଗ। ଉଭୟେ ଗାଁ ସ୍କୁଲରେ ଏକା ଶ୍ରେଣୀରେ ପାଠ ପଢ଼ନ୍ତି। ହେଲେ ପାଠ ପଢ଼ାରେ ଲକି କ୍ଲାସ୍‌ରେ ପ୍ରଥମ ହୁଏ। ଲକିର ସଫଳତାରେ ସୋନାଲି ସବୁବେଳେ ଈର୍ଷାକରେ। କାରଣ ସୋନାଲି ଯେତେ ପାଠ ପଢିଲେ ବି କ୍ଲାସ୍‌ରେ କେବେ ପ୍ରଥମ ହୋଇପାରେନି। ଏଣୁ ସେ ଲକିଠାରୁ ସବୁବେଳେ ସଫଳ ହେବାର ଉପାୟ ଜାଣିବାକୁ ଚେଷ୍ଟାକରେ। ସୋନାଲି ସବୁବେଳେ ଭାବେ ଲକିର ସଫଳତା ପଛରେ ନିଶ୍ଚୟ କେଉଁ ଗୋଟେ ଯାଦୁଶକ୍ତି କାମ କରୁଛି। କାରଣ ବିନା ଯାଦୁ ଶକ୍ତିରେ କ୍ଲାସ୍‌ରେ ଫାଷ୍ଟ ହେବା ସୋନାଲିକୁ ଅସମ୍ଭବ ପରି ଲାଗେ। ସେଥିପାଇଁ ଲକି ପଛରେ କାମ କରୁଥିବା ଯାଦୁଶକ୍ତିକୁ ଜାଣିବାକୁ ଲକିର ଅଜାଣତରେ ସୋନାଲି ସବୁବେଳେ ଲୁଚି ଲୁଚି ତା'ର ସ୍କୁଲ୍ ବ୍ୟାଗକୁ ଦରାଣ୍ଡେ। ହେଲେ, ଯେତେ ଖୋଜିଲେ ବି ଲକି ପଛରେ ରହିଥିବା ଯାଦୁଶକ୍ତିକୁ ସୋନାଲି ଆଦୌ ଖୋଜିପାରେ ନାହିଁ। ଏଣୁ ସୋନାଲି ଦିନେ ଏକ ଉପାୟ ଚିନ୍ତା କଲା। ସେ ଲକି ଘରକୁ ଯାଇ ତା' ପଢ଼ାଘରେ ଲୁଚି ରହିଥିବା ଯାଦୁ ଶକ୍ତିକୁ ଚୋରାଇ ଆଣିବ। ଏହା ଭାବି ସୋନାଲି ଦିନେ ଲକିର ପଢାଘରକୁ ବୁଲିବାକୁ ଗଲା। ଲକିର ବହିଥାକରୁ ବହି ଖୋଜିବା ବାହାନାରେ ସେ ତା' ପଢାଘରେ ରହିଥିବା ଯାଦୁଶକ୍ତିକୁ ଖୋଜିବାକୁ ଚେଷ୍ଟାକଲା। ହେଲେ ଯେତେ ଖୋଜିଲେ ବି ସେ ଲକିର ପଢାଘରେ ରହିଥିବା ଯାଦୁ ଶକ୍ତିର କୌଣସି ସନ୍ଧାନ ପାଇଲାନାହିଁ। ଶେଷରେ ସବୁଥିରେ ନିରାଶ ହୋଇ ସୋନାଲି ବାଧ୍ୟ ହୋଇ ଲକି ପାଖକୁ ଯାଇ ତା' ସଫଳତାର ରହସ୍ୟ ବିଷୟରେ ପଚାରିଲା। ହେଲେ ସୋନାଲିଠାରୁ ଏଇ ଯାଦୁଶକ୍ତି କଥା ଶୁଣି ଲକି ମନେମନେ ଖୁବ୍ ହସିଲା। ସୋନାଲି ମନରେ ରହିଥିବା ଭୁଲ୍ ଧାରଣା ଦୂର କରିବାକୁ ତା' ପଢା ଘରେ ରହିଥିବା ଏକ ଫଟୋ ପାଖକୁ ନେଇ ସେ ସୋନାଲିକୁ କହିଲା, ମା' ସରସ୍ୱତୀ ହେଉଛନ୍ତି ବିଦ୍ୟାର ଦେବୀ। ତୁ ସବୁବେଳେ ମା' ସରସ୍ୱତୀଙ୍କୁ ପ୍ରାର୍ଥନା କର, ଦେଖିବୁ ତୁ ବି ମୋ ପରି ଦିନେ ଶ୍ରେଣୀରେ ଅଧିକ ନମ୍ବର ରଖିପାରିବୁ। ସୋନାଲି ଏହା ଶୁଣି ଖୁବ୍ ଖୁସି ହୋଇଗଲା। ଘରକୁ ଫେରି ନିଜ ପଢାଘରେ ସେ ବି ମା' ସରସ୍ୱତୀଙ୍କ ଫଟୋଟିଏ ରଖିଲା। ଭକ୍ତିର ସହ ସବୁଦିନ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କଲା।

ଏମିତି କିଛିଦିନ ଗଲାପରେ ଦିନେ ମା' ସରସ୍ୱତୀ ସୋନାଲିର ସ୍ୱପ୍ନରେ ଆସିଲେ। ସେ ସୋନାଲିକୁ ସଫଳତାର ସାତଟି ଗୁରୁମନ୍ତ୍ର ଶିଖାଇଦେଲେ। ପ୍ରତିଦିନ ପାହାନ୍ତାରୁ ଉଠି ପାଠ ପଢ଼ିବା, ପ୍ରତିଦିନ ଗୁରୁଜନଙ୍କୁ ପ୍ରଣାମ କରିବା, ପଢାଘରେ ବହିକୁ ଏଣେତେଣେ ନ ପକାଇ ସାଇତି ରଖିବା, ସବୁବେଳେ ସମୟାନୁବର୍ତ୍ତୀ ହେବା, ଅଧିକ ସମୟ ଖେଳକୁଦରେ ନ ଦେଇ ପାଠପଢିବା , ଦୁଷ୍ଟପିଲାଙ୍କ ସହ ସାଙ୍ଗ ନ ହେବା, ବଗ ପରି ଏକ ଲୟ ରଖି ଧ୍ୟାନରେ ପାଠପଢିବା। ସୋନାଲିକୁ ସଫଳତାର ଏହି ସାତଟି ଗୁରୁମନ୍ତ୍ର ଶିକ୍ଷାଦେଇ ହଠାତ୍ ମା' ସରସ୍ୱତୀ କେଉଁଆଡେ ଉଭାନ୍ ହୋଇଗଲେ। ସେହିଦିନଠାରୁ ସୋନାଲି ମଧ୍ୟ ଲକି ପରି ସଫଳତାର ଏହି ସାତଟି ଗୁରୁମନ୍ତ୍ରକୁ ଆପଣାଇ ଶ୍ରେଣୀରେ ଭଲ ନମ୍ବର ରଖିଲା ଏବଂ ପୂର୍ବରୁ ଲକି ପ୍ରତି ସୋନାଲି ମନରେ ଥିବା ଈର୍ଷା ମନୋଭାବ ପୁଣି ଭଲପାଇବାରେ ବଦଳିଗଲା।

**– ଶିବରାମ ମହାପାତ୍ର**, ମହିତମା, ନୟାଗଡ଼

## ଚଗଲା ଭୀମୁ



ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାବେ ଭାରତ ବିଶ୍ୱ ବଖ୍ୟାତ। ୧୯୫୦ ଜାନୁୟାରୀ ୨୬ରେ ଏହାର ସମ୍ବିଧାନ ପ୍ରଣୟନ ହେଲା। ସେବେଠାରୁ ପ୍ରତ୍ୟେକ ଭାରତବାସୀ ଜାନୁୟାରୀ ୨୬କୁ ସାଧାରଣତନ୍ତ୍ର ଦିବସ ଭାବେ ପାଳନ କରି ଆସୁଛନ୍ତି। ତେବେ ପିଲାମାନେ ଏହି ଦିନଟିକୁ କିଭଳି ପାଳନ କରନ୍ତି ସେ ସମ୍ପର୍କରେ...

# ଆସ ପାଳିବା ସାଧାରଣତନ୍ତ୍ର ଦିବସ

## ପତାକା ଉତ୍ତୋଳନ, ଜାତୀୟ ସଙ୍ଗୀତ ଗାନ, ପରେଡ୍ ଆଦି ଏହି ଦିନର ସ୍ୱତନ୍ତ୍ରତା



ସାଧାରଣତନ୍ତ୍ର ଦିବସ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗର୍ବ ଏବଂ ଗୌରବର ଦିନ। ଆମ ସ୍କୁଲରେ ଏହି ଦିନଟିକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଏ। ଜାତୀୟ ପତାକା ଉତ୍ତୋଳନ, ଜାତୀୟ ସଙ୍ଗୀତ ଗାନ, ପରେଡ୍ ଆଦି ଏହି ଦିନର ସ୍ୱତନ୍ତ୍ରତା ବହନ କରେ। ସ୍କୁଲରେ ଅନୁଷ୍ଠିତ ହେଉଥିବା ସଭାରେ ଏହି ଦିବସର ବିଶେଷତ୍ୱ ସମ୍ପର୍କରେ କହିବା ଲାଗି ମୁଁ ନିଜକୁ ପ୍ରସ୍ତୁତ କରୁଛି। ପରେଡ୍‌ରେ ମଧ୍ୟ ଭାଗ ନେଇଛି। ସାଙ୍ଗମାନଙ୍କ ସହ ମିଶି ଏହି ଦିନଟିକୁ ମନଭରି ଉପଭୋଗ କରିବି ବୋଲି ଆଶା ରଖିଛି।

**– ନିଖିଲ କୁମାର ରାଉତ,** କ୍ଲାସ୍-୬, ଗ୍ଲୋରିୟସ୍ ଇଂଲିଶ୍ ମିଡିୟମ୍ ସ୍କୁଲ, ଯାଜପୁର ରୋଡ

## ବକ୍ତୃତା ପ୍ରତିଯୋଗିତାରେ ଭାଗ ନେବି



ପ୍ରତିବର୍ଷ ଜାନୁୟାରୀ ମାସ ଆସିବା କ୍ଷଣି ଆମ ମନ ଉତ୍କଣ୍ଠାରେ ଭରିଥାଏ। ଏହିଦିନ ଆମ ବିଦ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହିତ ଜାତୀୟ ସଙ୍ଗୀତ ଗାନ କରାଯାଏ। ପରେ ବିଦ୍ୟାଳୟ ପରିସରରେ ପରେଡ୍ କରାଯାଇଥାଏ। ଜାନୁୟାରୀ ୨୬ର ୮ ଦିନ ଆଗରୁ କେଉଁ ପିଲାମାନେ ତର୍କ, ବକ୍ତୃତା, କୁଇଜ୍ ପ୍ରତିଯୋଗିତାରେ ଭାଗ ନେବେ ସେଥିପାଇଁ ଆମେ ନାମ ଦେଇଥାଉ। ଏହିଦିନ ଆମେ ଆମ ସମ୍ବିଧାନ ବିଷୟରେ ବହୁତ କଥା ବିଦ୍ୟାଳୟର ଶିକ୍ଷକମାନଙ୍କଠାରୁ ଜାଣିଥାଉ। ପ୍ରତିଯୋଗିତାରେ ଭାଗ ନେଇ କିପରି ଆମେ କୃତିତ୍ୱ ହାସଲ କରି ପ୍ରାଇଜ୍ ଆଣିବୁ ସେଥି ସକାଶେ ମଧ୍ୟ ପ୍ରତିଯୋଗିତା ହୋଇଥାଏ।

**– ଅଗ୍ନିଦୀପ୍ତା ଚାନ୍ଦ,** କ୍ଲାସ୍ – ୯, ଅଲଣାହାଟ ସରକାରୀ ଉଚ୍ଚ ବିଦ୍ୟାଳୟ, ନାଉଗାଁ, ଜଗତ୍‌ସିଂହପୁର

## ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପ୍ରାଇଜ୍ ଜିତିବି



ମୁଁ ତର୍କ, ବକ୍ତୃତା ଆଦିରେ ଭାଗ ନେଇଥାଏ। ସେଥିପାଇଁ ମଧ୍ୟ ନିଜକୁ ପ୍ରସ୍ତୁତ କରିଥାଏ। ଏ ବର୍ଷ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପ୍ରାଇଜ୍ ଜିତିବି। ଆମେ ବିଦ୍ୟାଳୟରେ ଜାତୀକା ପତାକା ଉତ୍ତୋଳନ କରି, ଜାତୀୟ ସଙ୍ଗୀତ ଗାନ କରୁ। ଏହିଦିନ ବିଦ୍ୟାଳୟର ପ୍ରତ୍ୟେକ କାର୍ଯ୍ୟକ୍ରମ ବହୁତ ଭଲ ଲାଗେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଶିକ୍ଷକଙ୍କଠାରୁ ଆମ ଦେଶ ତଥା ମହାପୁରୁଷଙ୍କ ବିଷୟରେ ଅନେକ ଭଲ କଥା ଶୁଣୁ।

**– ସୁଶ୍ରୀ ପ୍ରିୟମ୍ବଦା ସାହୁ**
କ୍ଲାସ-୩, ସେଣ୍ଟ ଜାଭିୟର ହାଇସ୍କୁଲ ସାମନ୍ତରାପୁର ଭୁବନେଶ୍ୱର



# ପୁଣି ଆସିଛି ସରସ୍ୱତୀ ପୂଜା



ବିଦ୍ୟାଦାୟିନୀ ମା' ସରସ୍ୱତୀଙ୍କ ପୂଜା ଲାଗି ଏବେ ଚାରିଆଡ଼େ ପ୍ରସ୍ତୁତି ଚାଲିଛି। ବିଶେଷକରି ଶିକ୍ଷାନୁଷ୍ଠାନଗୁଡିକରେ ବିଦ୍ୟାର୍ଥୀଙ୍କ ଏଥିଲାଗି ନାହିଁ ନଥିବା ଉତ୍ସାହ ଦେଖିବାକୁ ମିଳୁଛି। ତେବେ ଛାତ୍ରୀଛାତ୍ରମାନେ ମା'ଙ୍କ ପୂଜା ଲାଗି କିଭଳି ଯୋଜନା କରିଛନ୍ତି ....

## 'ସରସ୍ୱତୀ ବିଜେ' ନୃତ୍ୟାଭିନୟ କରିବୁ ବୋଲି ଯୋଜନା କରିଛୁ



ବୀଣାପାଣି ମା' ସରସ୍ୱତୀ। ସେ ବିଦ୍ୟାଦାତ୍ରୀ। ତାଙ୍କୁ ଆରାଧନା କରିବା ଦ୍ୱାରା ଭଲ ପାଠ ହୁଏ ବୋଲି ବିଶ୍ୱାସ ରହିଛି। ତେଣୁ ପ୍ରତ୍ୟେକ ଦିନ ପାଠ ପଢିବା ଆଗରୁ ମା' ସରସ୍ୱତୀଙ୍କୁ ସ୍ମରଣ କରେ। ଏଥର ସରସ୍ୱତୀ ପୂଜାରେ ମୁଁ ମା'ଙ୍କୁ ଭକ୍ତିପୂତ ଆରାଧନା କରିବି। ଯେହେତୁ ଏବର୍ଷ ମାଟ୍ରିକ ପରୀକ୍ଷା ଦେବି, କିଭଳି ମନଦେଇ ପାଠପଢିବି ଏବଂ ପରୀକ୍ଷାରେ ଭଲ ନମ୍ବର ରଖିବି ସେଥିପାଇଁ ଆଶୀର୍ବାଦ ମାଗିବି। ଏହା ବ୍ୟତୀତ ମୁଁ ନୃତ୍ୟ ଶିକ୍ଷା କରୁଥିବା ବୀଣାପାଣି କଳା ନିକେତନରେ ଏହି ଅବସରରେ ଭୋଜିଭାତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ। ଏହି ବର୍ଷ ଆମେ 'ସରସ୍ୱତୀ ବିଜେ' ନୃତ୍ୟାଭିନୟ କରିବୁ ବୋଲି ଯୋଜନା କରିଛୁ ଏବଂ ଅଭ୍ୟାସ ମଧ୍ୟ ଜାରି ରଖିଛୁ।

**–ଲୀନୁ ମହାନ୍ତି,** କ୍ଲାସ୍-୧୦, ଫକୀରପୁର ଉଚ୍ଚବିଦ୍ୟାଳୟ, କେନ୍ଦୁଝର

## ନୂଆ ଡ୍ରେସ୍ ପିନ୍ଧି ପୁଷ୍ପାଞ୍ଜଳି ଦେବି



ସରସ୍ୱତୀ ପୂଜା ପ୍ରତିବର୍ଷ ଆମ ବିଦ୍ୟାଳୟରେ ପାଳନ କରାଯାଏ। ଏହିଦିନ ପାଇଁ ଖୁବ୍ ଉତ୍ସାହିତ ଥାଏ। ଏଥର ପୂଜାରେ ସକାଳୁ ନୂଆ ଡ୍ରେସ୍ ପିନ୍ଧି ମା' ସରସ୍ୱତୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିବି। ବିଦ୍ୟାଳୟରେ ଗୁରୁଜୀଗୁରୁମାଙ୍କ ଆଶୀର୍ବାଦ ନେବି। ଭଲ ବିଦ୍ୟା ପ୍ରଦାନ କରିବାକୁ ମୁଁ ମା'ଙ୍କ ପାଖରେ ଆଶୀର୍ବାଦ ଭିକ୍ଷା କରିବି। ଆମ ବିଦ୍ୟାଳୟରେ ଭୋଜିଭାତ ହେବ। ସାଙ୍ଗସାଥୀ ଆମେ ଏକାଠି ଖାଇ ବୁଲାବୁଲି କରିବୁ।

**– ସ୍ୱାଗତ କେଶରୀ ସିଂଦେଓ,** କ୍ଲାସ – ୯, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ରଜବିହାର, ଭବାନୀପାଟଣା

## ଆମ ପାଇଁ ଆନନ୍ଦର ଦିନ



ମାଘମାସ ପଞ୍ଚମୀ ତିଥିରେ ସରସ୍ୱତୀ ପୂଜା ପାଳନ କରାଯାଏ। ଏହି ଦିନ ଆମେ ସକାଳୁ ଉଠି,ଗାଧୋଇ ନୂଆ ପୋଷାକ ପିନ୍ଧି ବିଦ୍ୟାଳୟକୁ ଯାଉ। ମନରେ ବହୁତ ଖୁସି ଥାଏ। ବିଦ୍ୟାଳୟରେ ସେହି ଦିନ ଆମେ ସମସ୍ତେ ରଙ୍ଗବେରଙ୍ଗର ପୋଷାକରେ ସୁନ୍ଦର ଦେଖାଯାଉ। ସ୍କୁଲ୍‌ରେ ମା'ସରସ୍ୱତୀଙ୍କୁ ଆରାଧନା କରୁ। ଆମେ ପିଲା ଓ ଶିକ୍ଷକ ସମସ୍ତେ ଏକାଠି ମା'ଙ୍କୁ ପୁଷ୍ପାଞ୍ଜଳି ଦେଉ ଏବଂ ପୂଜା ଶେଷରେ ପ୍ରସାଦ ସେବନ କରି ଘରକୁ ଫେରୁ। ଏହି ଦିନ ଆମମାନଙ୍କର ଆନନ୍ଦର ଦିନ।

**–ରିତୁସ୍ମିତା ସାହୁ,** କ୍ଲାସ-୪,ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର




୧


୨


୩


୪



୫


୬


୭


୮


୯


୧୦


୧୧


୧୨


**ସତ୍ୟମ୍ ଷଡଙ୍ଗୀ**
କ୍ଲାସ୍-୬,
ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
ଟାଙ୍ଗୀ, କଟକ
୧୧


**ପ୍ରୀତି ପ୍ରିୟଦର୍ଶିନୀ**
କ୍ଲାସ୍-୨,
ୟଙ୍ଗ ଫୋନିକ୍ସ
ପବ୍ଲିକ୍ ସ୍କୁଲ,
ଭୁବନେଶ୍ୱର
୧୨

୧
**ଆଦ୍ୟାଶା ଷଡ଼ଙ୍ଗୀ**
କ୍ଲାସ୍-୬, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ଟାଙ୍ଗୀ, କଟକ


୨
**ରଜନୀ ସାହୁ**
କ୍ଲାସ୍-୭, ବାଘମୁଣ୍ଡ ଉଚ୍ଚ
ପ୍ରାଥମିକ ବିଦ୍ୟାଳୟ,
ପାଟଣାଗଡ, ବଲାଙ୍ଗୀର


୩
**ପ୍ରଜ୍ଞା ପରିମିତା ସେଠୀ**
କ୍ଲାସ୍-୪, କେନ୍ଦ୍ରୀୟ
ବିଦ୍ୟାଳୟ, ସୋନପୁର,
ସୋନପୁର


୪
**ସତ୍ୟଶ୍ରୀୟା ପାଣିଗ୍ରାହୀ**
କ୍ଲାସ୍-୬, ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର, ପାଟଣାଗଡ,
ବଲାଙ୍ଗୀର


୫
**ଶ୍ରେୟାଂଶୁ ହୋତା**
କ୍ଲାସ୍-୨, ସାରସ୍ୱତ
ବାଲ୍ମନ୍ଦିର,
ଜୟପୁର


୬
**ଶାନ୍ତନୁ ଶାନ୍ତିସ୍ୱରୂପ**
କ୍ଲାସ୍-ଏଲ୍‌କେଜି,
ଶୋଭନୀୟ ପବ୍ଲିକ୍ ସ୍କୁଲ,
ପୋଖରୀପୁଟ୍,
ଭୁବନେଶ୍ୱର


୭
**ଇଶାନ୍ ପଣ୍ଡା**
କ୍ଲାସ୍-୨, ଡି.ଏ.ଭି .
ପବ୍ଲିକ୍ ସ୍କୁଲ୍, ୟୁନିଟ୍ -୮,
ଭୁବନେଶ୍ୱର


୮
**ମନଜିତ୍ କୁମାର ସାମଲ**
କ୍ଲାସ୍-୪, କେନ୍ଦ୍ରୀୟ
ବିଦ୍ୟାଳୟ-୩,
ମଞ୍ଚେଶ୍ୱର, ଭୁବନେଶ୍ୱର


୯
**ପ୍ରଦୀପ ମୁଦୁଲି**
କ୍ଲାସ୍-୮,ସରକାରୀ ଉଚ୍ଚ
ପ୍ରାଥମିକ ବିଦ୍ୟାଳୟ,
ଘଟଗାଁ, କେନ୍ଦୁଝର


୧୦
**ଅନନ୍ୟା ରୂପାଲି ତ୍ରିପାଠୀ**
କ୍ଲାସ୍-୫, ସରକାରୀ ଉଚ୍ଚ
ପ୍ରାଥମିକ ବିଦ୍ୟାଳୟ,
ଗୋବିନ୍ଦପାଲି,
ମାଲକାନ୍‌ଗିରି


# ଆମେ ପ୍ରଗତିର ସାକ୍ଷୀ



ସାଧାରଣତନ୍ତ୍ର ଦିବସ କହୁଛି
ଦେଶପ୍ରେମୀ ହୁଅ ଆହ୍ୱାନ ଦେଉଛି
ଉଡ଼ାଅ ତ୍ରିରଙ୍ଗା ଧ୍ୱଜା
ଜନ ଗଣ ମନ ଅଧି ଗୀତ ଗାଇ
ବଜାଭେରୀ ତୂରୀ ବାଜା ।
ଊଣେଇଶ ପଚାଶ ଜାନୁୟାରୀ ମାସ
ଶୁଭଦିନ ଥିଲା ତାରିଖ ଛବିଶ
ଲାଗୁହେଲା ସମ୍ବିଧାନ
ଡକ୍ଟର ଭୀମରାଓ ଆମ୍ବେଡକରଙ୍କ
ଥିଲା ବଡ଼ ଅବଦାନ
ଦେଶ ଚଳିବାର ନିୟମ ମାନ
ଲେଖି ଜଣାଉଛି ଏ ସମ୍ବିଧାନ
ହୁଏ ବି ପରିବର୍ତ୍ତନ
ସବୁ ଶାସକର ନାଗରିକଙ୍କର
ଲୋଡ଼ା ଏ ଲିଖିତ ଜ୍ଞାନ ।
ଗାନ୍ଧିଜୀ, ନେହେରୁ, ସୁଭାଷ, ଶାସ୍ତ୍ରୀ
ସ୍ୱାଧୀନ ମନ୍ଦିର କୁଶଳୀ ମିସ୍ତ୍ରି
ହୋଇଲା ସ୍ୱାଧୀନ ଦେଶ
ସମ୍ବିଧାନ ହୋଇ ଗଣତନ୍ତ୍ର ପାଇ
ହସି ଉଠିଲା ଏ ଦେଶ ।
ଏ ସମ୍ବିଧାନକୁ ଦେବା ସମ୍ମାନ
ରଖିଯିବା ଦେଶ ଜାତିର ମାନ
ଦେଶ ଅଖଣ୍ଡତା ରଖି
ଆବଶ୍ୟକ ହେଲେ ପ୍ରାଣବଳି ଦେଇ
ପ୍ରଗତିର ହେବା ସାକ୍ଷୀ ।

**–ନିରଞ୍ଜନ ପତି**
ଗାନ୍ଧୀମାର୍ଗ, ଅନୁଗୋଳ



# ଭାରତ ମା' ର ସନ୍ତାନ ଆମେ

ଆମେ ସବୁ ଯେତେ ଭାଇ ଭଉଣୀ
ଶିକ୍ଷାରେ କରିବା ଦେଶ ଅଗ୍ରଣୀ ।
ଜାତି ଧର୍ମ ଭୁଲି ଏକାଠି ହେବା
ବିଶ୍ୱରେ ଦେଶକୁ ଶ୍ରେଷ୍ଠ କରିବା ।
ଛୁଆଁ ଅଛୁଆଁର ଭାବକୁ ଭୁଲି
ଦେଶ ସମୃଦ୍ଧିରେ ହେବା ସାମିଲି ।
ଦୁଃଖ ଓ ଦରିଦ୍ର ଦୂରେଇ ଦେବା
ସାମ୍ୟବାଦେ ଅନୁପ୍ରାଣିତ ହେବା ।
ଭାରତ ଗଢ଼ିବା ଲକ୍ଷ୍ୟ ଆମର
ପରିବେଶ ସୁରକ୍ଷା ଦରକାର ।
ମିଳିମିଶି ହୋଇ ଆମେ ଚଳିବା
ବିପଦେ ଅନ୍ୟକୁ ସାହାଯ୍ୟ ହେବା ।
ଦୁଃଖରେ କାତର ନ ହେବା କେହି
ଶ୍ରମ କଲେ ଦୁଃଖ ଯିବ ଦୂରେଇ ।
ସବୁରି ସାଥିରେ ଆମେ ବଢ଼ିବା
ଦେଶ ବିକାଶରେ ସାମିଲ ହେବା ।
ଅହିଂସା ଆମର ପରମ ଧର୍ମ
ସହିଷ୍ଣୁତା ହୋଇ କରିବା କର୍ମ ।
ଗାନ୍ଧୀ, ଗୋପବନ୍ଧୁ ଦେଶ ଆମର
ଦେଶ ହିତେ ବ୍ରତୀ ହେବା ହିଁ ସାର ।

**–ବିପିନ ବିହାରୀ ସାହୁ**
ଶିକ୍ଷକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ତିଣ୍ଡିରା ଗାଁ, ଫିରିଙ୍ଗିଆ, କନ୍ଧମାଳ



# ସାଧାରଣତନ୍ତ୍ର ଦିବସ

ବର୍ଷ ଥିଲା ଊଣେଇଶ ପଚାଶ
ମାସ ଜାନୁୟାରୀ ଦିନ ଛବିଶ
ଜନ୍ମ ସାଧାରଣତନ୍ତ୍ର ଦିବସ
ହେଲା ସାର୍ବଭୌମ ଭାରତବର୍ଷ
ଆମ୍ବେଡକରଙ୍କ ହାତରେ ମସୀ
ଅବଦାନେ ସମ୍ବିଧାନ, ତା ସୂଚୀ
ଧର୍ମନିରପେକ୍ଷ, ସମାଜବାଦ
ସ୍ପଷ୍ଟ କରୁଅଛି ତା' ମୁଖବନ୍ଧ
ନ୍ୟାୟ ସ୍ୱତନ୍ତ୍ରତା ପୁଣି ଭ୍ରାତୃତ୍ୱ
ସମାନତା ଆଦି କରେ ନିଶ୍ଚିତ
ଗଣତନ୍ତ୍ର ରାଜଗାଦିରେ ବସି
ଧରି ସମ୍ବିଧାନ ଶାସନ ଅସି
ଅନୁଚ୍ଛେଦ ଚାରିଶହ ଅଠଚାଳିଶ
ବାର ଅନୁସୂଚୀ ଭାଗ ପଚିଶ
ମୁହେଁ ଫୁଟାଇଛି ହସ ଓ ଖୁସି
ଦେଶକୁ ଚଳାନ୍ତି ଭାରତବାସୀ ।

**–ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ



# ମା' ସରସ୍ୱତୀ

ସରଗ ରାଇଜୁ ଦେବୀ ସରସ୍ୱତୀ
ମର୍ତ୍ତ୍ୟକୁ ଆସିବେ ବୁଲି
ମର୍ତ୍ତ୍ୟମଣ୍ଡଳରେ ଜ୍ଞାନ ଦାନ କରି
ପୁଣି ଚାଲିଯିବେ ଫେରି ।
ସରସ୍ୱତୀ ମାଆ ଶିକ୍ଷା ପ୍ରଦାୟିନୀ
ଆସନ୍ତି ବର୍ଷକେ ଥରେ
ତାଙ୍କ ଆଗମନେ ଛାତ୍ରୀଛାତ୍ରମାନେ
ପୂଜନ୍ତି ଖୁସି ମନରେ ।
ଜ୍ଞାନଦାତ୍ରୀ ସିଏ ମାଆ ସରସ୍ୱତୀ
ନାମ ପୁଣି ବୀଣାପାଣି
ଶୁଭ୍ର ବସ୍ତ୍ର ପିନ୍ଧି ଦିଅନ୍ତି ସନ୍ଦେଶ
ବିଶ୍ୱକୁ ଯାଅରେ ଜିଣି ।
ଶୁଭ୍ରରଙ୍ଗ ପରା ଶାନ୍ତିର ପ୍ରତୀକ
ଏହି ବାର୍ତ୍ତା ବିଞ୍ଚି ଦିଅ
ଶିକ୍ଷାମୃତ ପାନ ଜୀବନଟି ଧନ୍ୟ
ସକଳ ସୁଖକୁ ପାଅ ।
ମାଆ ସରସ୍ୱତୀ ଅସ୍ଥିର ମୋ ମତି
ଜ୍ଞାନ ଚକ୍ଷୁ ଖୋଲିଦିଅ
ବିଦ୍ୟାଭଣ୍ଡାରରୁ ଆଲୋକଟି କିଏ
ଅନ୍ତରରେ ଜାଳିଯାଅ ।

**–ସୁଧୀର କୁମାର ଦାସ,**
ତରାବୋଇ, ଜଟଣୀ, ଖୋର୍ଦ୍ଧା



# ଜୟ ମା' ସରସ୍ୱତୀ

ଜୟ ମା' ସରସ୍ୱତୀ
ବିଦ୍ୟାଦାୟିନୀ
ଅଜ୍ଞାନ ତିମିର ମାନୁ ନାଶିନୀ ।
ଶୁକ୍ଳବସ୍ତ୍ର ପରିହିତା
ବୀଣା ପୁସ୍ତକ ଭୂଷିତା
ଗଳେ ଗଜମୋତି ହଂସବାହିନୀ ।
ତୋ କୃପା ଲଭିଲେ ମାତ
ମୂର୍ଖ ବୋଲାଏ ପଣ୍ଡିତ
ମୋ ଠାରେ ତୋ ଦୟା କିଆଁ ହୁଏନି ।
ଅଜ୍ଞାନ ଅନ୍ଧାରେ ମୁହିଁ
କିଛି ଦେଖି ନ ପାରଇ
ଜ୍ଞାନାଲୋକେ ଅନ୍ତ କର ମୋ ଗ୍ଳାନି ।
ଏ ମନ ବୀଣାରେ ମୋର
ତୋଳି ଦେ ସ୍ୱର ଝଙ୍କାର
ଗାଉଥିବି ତୋର ଗୀତି ଜନନୀ ।
ହୃଦୟ କନ୍ଦରେ ମୋର
ବୀଣାପାଣି ବିଜେ କର
ତୋ ପରଶେ ବଦଳୁ ମୋ ଜୀବନୀ ।
ଆହେ ମୋର ଜ୍ଞାନଦାତ୍ରୀ
ଭଗବତୀ ମା' ଭାରତୀ
ଫେଡ ମୋ ଅଜ୍ଞାତ କରେ ଦୟିନୀ ।

**– ରାଜକିଶୋର ସ୍ୱାଇଁ**
ନୂଆପଡ଼ା, ନୂଆବଜାର, କଟକ

# ଏଥରର ପ୍ରଶ୍ନ

- ବୀଣାପାଣି ବୋଲି କାହାକୁ ସମ୍ବୋଧନ କରାଯାଏ ?
- ମା' ସରସ୍ୱୀତୀଙ୍କ ବାହନ କିଏ ?
- କେଉଁ ଓଡ଼ିଆ ତିଥିରେ ସରସ୍ୱତୀ ପୂଜା ପାଳନ କରାଯାଏ ?
- ଭାରତର ସମ୍ବିଧାନ କେବେ ପ୍ରଣୟନ ହେଲା ?
- କାହାକୁ ଭାରତୀୟ ସମ୍ବିଧାନର ଜନକ ବୋଲି କୁହାଯାଏ ?

# ଆରଥରର ଉତ୍ତର

* କ୍ଷୀର
* ହ୍ୱିସିଲ
* ଶୁଣିବା
* ଜୁନ୍
* ଜିରା

# ଆମ୍ବେଡ୍‌କରଙ୍କ ବାଲ୍ୟ ଜୀବନ

ଆମ ସମ୍ବିଧାନର ପ୍ରଣେତା ହେଉଛନ୍ତି ଡ. ବି.ଆର୍. ଆମ୍ବେଦ୍‌କର । ପୂରା ନାମ ଭୀମାରାଓ ଆମ୍ବେଦ୍‌କର। ତାଙ୍କର ଜନ୍ମ ୧୪.୪.୧୮୯୧ରେ ମଧ୍ୟପ୍ରଦେଶର ମାଓସ୍ଥିତ ସୈନ୍ୟ ଛାଉଣୀରେ ହୋଇଥିଲା। ମହାରାଷ୍ଟ୍ରର ରତ୍ନଗିରି ଜିଲାର ଆମ୍ବାଡାୱେ ଗାଁରେ ରହୁଥିବା ବାପା ରାମୋଜୀ ମାଲାଜୀ ସତ୍‌ପାଲ ଓ ମା ଭୀମାବାଈ ସତ୍‌ପାଲଙ୍କର ସେ ଥିଲେ ୧୪ ତମ ସନ୍ତାନ ଆଉ ସବୁଠାରୁ ସାନ। ତାଙ୍କ ବାପା ଇଂରେଜ ସରକାରଙ୍କ ସୁବେଦାର ପଦବୀରେ ଚାକିରି କରୁଥିଲେ। ଆମ୍ବେଦ୍‌କରଙ୍କ ବାପା ତାଙ୍କୁ ଓ ତାଙ୍କର ଅନ୍ୟ ଦୁଇ ଭାଇଙ୍କୁ ନେଇ ସେଠାର ଏକ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଥିଲେ। ତାଙ୍କ ପରିବାର ଦଳିତ ହୋଇଥିବା ଯୋଗୁଁ ସେମାନଙ୍କୁ ଶ୍ରେଣୀର ବାରଣ୍ଡାରେ ବସାଇବାକୁ ଅନ୍ୟ ପିଲାମାନେ ଜିଦ୍ କରିଥିଲେ। ତାଙ୍କ ଶ୍ରେଣୀ ଶିକ୍ଷକ ଜଣେ ସହୃଦୟ ଓ ଗୁଣଗ୍ରାହୀ ବ୍ୟକ୍ତି ଥିଲେ। ସେ ତାଙ୍କୁ ଡାକି ଆଣି ଅନ୍ୟ ପିଲାମାନଙ୍କ ଆପତ୍ତି ଯୋଗୁ ସେମାନଙ୍କ ସହିତ ନ ବସାଇ ଅଲଗାରେ ପଛରେ ବସାଉଥିଲେ। ଶିକ୍ଷକ ପଢାଇବା ସମୟରେ ଭୀମାରାଓଙ୍କ କୌଣସି ସନ୍ଦେହ ହେଲେ, ତାର ଉତ୍ତର ଶିକ୍ଷକମାନେ ଦେଉ ନ ଥିଲେ ବରଂ ତାଙ୍କୁ କଟୁ କଥା କହି ହତୋତ୍ସାହ କରୁଥିଲେ। ସେତେବେଳେ ତାଙ୍କ ଘରେ ବା ଗାଁରେ ବିଜୁଳି ଆଲୁଅ ବ୍ୟବସ୍ଥା ନ ଥିଲା। ଦିନେ କିରୋସିନ ଡିବିରେ କିରୋସିନ ସରିଯାଇଥିବାରୁ ରାତିରେ ଭୀମାରାଓଙ୍କ ପାଠ ପଢିବାରେ ଅସୁବିଧା ହେଲା। ତାଙ୍କ ବାପା କିଛି ଶୁଖିଲା କାଠ ଆଣି ତାକୁ ଜାଳେଣି କରି ଆଲୁଅର ବ୍ୟବସ୍ଥା କରାଇଥିଲେ। ସେହି ଆଲୁଅରେ ସେ ପାଠ ପଢୁଥିଲେ।



ଆଉ ଦିନକର ଘଟଣା ତାଙ୍କ ଶ୍ରେଣୀକୁ ଶିକ୍ଷା ପରିଦର୍ଶକ ଆସିଥାନ୍ତି। ପରିଦର୍ଶକ ଗୋଟିଏ ପ୍ରଶ୍ନ ପଚାରିଲେ, ଭାସ୍କୋଡାଗାମା କିଏ? କୌଣସି ପିଲା ଉତ୍ତର ଦେଇ ପାରିଲେ ନାହିଁ। ପରିଦର୍ଶକ ଏହା ଶୁଣି ଶିକ୍ଷକଙ୍କ ଉପରେ ବିରକ୍ତି ମନୋଭାବ ପ୍ରକାଶ କରୁଥିବା ସମୟରେ ଭୀମାରାଓ ଉଠିପଡି କହିଲେ, ଗୁରୁଜୀ ଏହା ଆମକୁ ପଢା ହୋଇଛି କିନ୍ତୁ ଆମର କାହାରି ମନେ ନାହିଁ। ଜଣେ ମାତ୍ର ପିଲା ଭୀମାରାଓଙ୍କ କଥାକୁ ସମ୍ମତି ଜଣାଇଲା। ଏଥିରେ ପରିଦର୍ଶକ ଅତ୍ୟନ୍ତ ଆନନ୍ଦିତ ହୋଇ ପିଲାଟିର (ଭୀମାରାଓଙ୍କର) ସତ୍ୟତା ଓ ନିର୍ଭୀକତା ପାଇଁ ତାଙ୍କୁ ସମସ୍ତଙ୍କ ଆଗରେ ପ୍ରଶଂସା କଲେ ଓ କିଛି ଅର୍ଥ ରାଶି ମଧ୍ୟ ପୁରସ୍କାର ଦେଇଥିଲେ।

ଆଉ ଦିନକର ଘଟଣା, ତାଙ୍କ ବିଦ୍ୟାଳୟରେ ଦୌଡ ପ୍ରତିଯୋଗିତାର ଆୟୋଜନ କରାଗଲା। ଏଥିରେ ଭୀମାରାଓଙ୍କ ବାପା ତିନି ପୁଅଙ୍କୁ ଦୌଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ଭୀମାରାଓଙ୍କ ଦୁଇ ବଡ ଭାଇ ରାଜି ହେଲେ ନାହିଁ। କିନ୍ତୁ ଭୀମାରାଓ ଦୌଡିବା ପାଇଁ ପ୍ରସ୍ତୁତ ହେଲେ ଓ ତାଙ୍କ ଘର ପାଖ ପଡିଆରେ ଦୌଡ ଅଭ୍ୟାସ କଲେ। ଯେଉଁଦିନ ପ୍ରତିଯୋଗିତା ହେବ ସେଥିରେ ତାଙ୍କୁ ଛାଡି ଅନ୍ୟ ସମସ୍ତଙ୍କୁ ସୁଯୋଗ ଦିଆଗଲା। ତାଙ୍କର ଶ୍ରେଣୀ ଶିକ୍ଷକ ଏହା ଦେଖି ଖେଳ ଶିକ୍ଷକଙ୍କୁ କହିଲେ ଭୀମାରାଓଙ୍କୁ ଦୌଡିବାକୁ ଅନୁମତି ଦିଆଯାଉ। କିନ୍ତୁ ଖେଳ ଶିକ୍ଷକ ପୂରାପୂରି ମନା କରିଦେଲେ। ଅନ୍ୟ ପିଲାମାନଙ୍କ ସହିତ ଯେତେବେଳେ ସେ ଦୌଡିବାକୁ ଆରମ୍ଭକଲେ, ସେତେବେଳେ ତାଙ୍କର କ୍ଲାସର ଜଣେ ଦୁଷ୍ଟ ପିଲା ଭୀମାରାଓ କାଳେ ପ୍ରଥମ ହୋଇଯିବ ଭାବି ସେ ଦୌଡୁଥିବା ରାସ୍ତାରେ କଣ୍ଟା ପକାଇଦେଲା। ଭୀମାରାଓଙ୍କ ପାଦରେ କଣ୍ଟା ପଶିଯିବାରୁ ସେ ତଳେ ପଡିଗଲେ ଏବଂ ଦୌଡି ପାରିଲେ ନାହିଁ। ଖେଳ ଶିକ୍ଷକ ଓ ଅନ୍ୟ ପିଲାଙ୍କର ଚକ୍ରାନ୍ତ ଯୋଗୁ ସେ ଦୌଡ ପ୍ରତିଯୋଗିତାରେ ସଫଳ ହୋଇ ପାରିଲେ ନାହିଁ। ଏହା ତାଙ୍କୁ ବ୍ୟଥିତ କରିଥିଲେ ମଧ୍ୟ ଧୈର୍ଯ୍ୟ ଓ ସାହସ ତାଙ୍କର ଆହୁରି ବହୁ ମାତ୍ରାରେ ବଢିଥିଲା। ଏହିଭଳି ଅନେକ ସଂଘର୍ଷମୟ ଘଟଣା ରହିଥିଲା ଆମ୍ବେଦ୍‌କରଙ୍କ ଜୀବନରେ। ସେ ସବୁ ଘଟଣାକୁ ସାମନା କରି ସଫଳତାର ଶୀର୍ଷରେ ପହଞ୍ଚି ପାରିଥିଲେ। ତେଣୁ ପିଲାମାନେ ତୁମେ ସେହି ମହାନାୟକ ଆମ୍ବେଦ୍‌କରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାମ କଲେ ବଡ ହୋଇ ଜଣେ ଜଣେ ଭଲ ମଣିଷ ହୋଇପାରିବ ଏବଂ ଦେଶ ଓ ଜାତିର ଟେକ ରଖିପାରିବ। ଆମେ ପ୍ରତିବର୍ଷ ଅନ୍ତତଃ ଜାନୁୟାରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ଆମ୍ବେଦ୍‌କରଙ୍କୁ ମନେ ପକାଇଥାଉ।

–ବିନୋଦ ଚନ୍ଦ୍ର ଜେନା
ପାରଳାଖେମୁଣ୍ଡି, ଗଜପତି
ମୋ : ୯୪୩୮୦୭୪୪୬୪

# ସାଧାରଣତନ୍ତ୍ର ଦିବସ କେବେ କେଉଁଠି



୧୯୫୦ ମସିହା ଜାନୁୟାରୀ ୨୬ ରେ ଭାରତର ସମ୍ବିଧାନ ପ୍ରଣୟନ ହେଲା, ଫଳରେ ଭାରତ ଏକ ଗଣତନ୍ତ୍ର ରାଷ୍ଟ୍ରର ମାନ୍ୟତା ଲାଭ କଲା। ସେବେଠାରୁ ଆମେ ୨୬ ଜାନୁୟାରୀକୁ ଗଣତନ୍ତ୍ର ଦିବସ ଭାବେ ପାଳନ କରୁଛେ। ସେହିଭଳି ପୃଥିବୀର ବିଭିନ୍ନ ରାଷ୍ଟ୍ର ଭିନ୍ନ ଭିନ୍ନ ଦିନରେ ଗଣତନ୍ତ୍ର ଦିବସ ପାଳନ କରିଥାନ୍ତି। ଜାଣନ୍ତୁ ସେ ସମ୍ପର୍କରେ....

- ହଙ୍ଗେରୀ.................................୧ ଫେବୃୟାରୀ
- ସର୍ବିଆ.................................୧୫ ଫେବୃୟାରୀ
- ପାକିସ୍ତାନ.................................୨୩ ମାର୍ଚ୍ଚ
- ଇରାନ.................................୧ ଏପ୍ରିଲ
- ଶ୍ରୀଲଙ୍କା.................................୨୨ ମେ
- ନେପାଳ.................................୨୮ ମେ
- ଇଟାଲୀ.................................୨ ଜୁନ୍
- ଇରାକ.................................୧୪ ଜୁଲାଇ
- ଉତ୍ତର କୋରିଆ.................................୯ ସେପ୍ଟେମ୍ବର
- ପର୍ତ୍ତୁଗାଲ.................................୫ ଅକ୍ଟୋବର
- ବ୍ରାଜିଲ.................................୧୫ ନଭେମ୍ବର
- କେନିଆ.................................୧୨ ଡିସେମ୍ବର

# ଭାରତୀୟ ଜାତୀୟ ପତାକାର ପରିବର୍ତ୍ତିତ ରୂପ

୧. ପ୍ରଥମ ରାଷ୍ଟ୍ରୀୟ ଧ୍ୱଜା ୭ ଅଗଷ୍ଟ ୧୯୦୬ ମସିହାରେ କୋଲକାତାର ଗ୍ରୀନ୍‌ପାର୍କଠାରେ ଉଡାଯାଇଥିଲା। ଏହି ଧ୍ୱଜାକୁ ନାଲି, ହଳଦିଆ ଏବଂ ସବୁଜ ରଙ୍ଗର ସମାନ୍ତର ଧାର ଦେଇ ପ୍ରସ୍ତୁତ କରାଯାଇଥିଲା।

୨. ଦ୍ୱିତୀୟ ଧ୍ୱଜାକୁ ପ୍ୟାରିସରେ ମ୍ୟାଡାମ କାମା ଏବଂ ୧୯୦୭ରେ ତାଙ୍କ ସହିତ ନିର୍ବାସିତ ହୋଇଥିବା କେତେ ଜଣ କ୍ରାନ୍ତିକାରୀଙ୍କ ଦ୍ୱାରା ଉଡାଯାଇଥିଲା। ଏହା ମଧ୍ୟ ପ୍ରଥମ ପତାକା ସହିତ ସମାନ ଥିଲା। କେବଳ ଏହାର ଉପର ପଟି ଏବଂ ତଳପଟିର ରଙ୍ଗରେ ପରିବର୍ତ୍ତନ ଥିଲା।

୩. ତୃତୀୟ ଧ୍ୱଜା ୧୯୧୭ ମସିହାରେ ଆନିବେଶାନ୍ତ ଏବଂ ଲୋକମାନ୍ୟ ତିଳକଙ୍କ ହୋମରୁଲ୍ ଲିଗ୍ ଆନ୍ଦୋଳନ ସମୟରେ ଉଡାଯାଇଥିଲା। ସେହି ଧ୍ୱଜାରେ ପାଞ୍ଚଟି ନାଲି ଏବଂ ଚାରୋଟି ସବୁଜ ସମାନ୍ତର ଭାବେ ପରିଗୁଡିକ ରହିଥିଲା। ସପ୍ତଋଷିଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାତୋଟି ତାରାର ଚିତ୍ର ଥିଲା। ବାମ ଓ ଉପର ପାର୍ଶ୍ୱର କୋଣକୁ ୟୁନିୟନ ଜ୍ୟାକ ଥିଲା। ଅନ୍ୟ କୋଣରେ ଧଳା ଅର୍ଦ୍ଧଚନ୍ଦ୍ର ଓ ଏହା ଉପରେ ଗୋଟିଏ ତାରା ଥିଲା।

୪. ଅଖିଳ ଭାରତୀୟ କଂଗ୍ରେସ କମିଟି ଅଧିବେଶନ ସମୟରେ ୧୯୨୧ ମସିହାରେ ବିଜୟୱାଡାରେ




ଆନ୍ଧ୍ରପ୍ରଦେଶର ଜଣେ ଯୁବକ ଗୋଟିଏ ପତାକା ପ୍ରସ୍ତୁତ କରି ଗାନ୍ଧିଜୀଙ୍କୁ ଦେଲେ। ଏହା ଦୁଇଟି ରଙ୍ଗରେ ରଙ୍ଗାଯାଇଥିଲା। ଗାନ୍ଧିଜୀ ସେହି ପ୍ରସ୍ତୁତ ପତାକା ଉପରେ ମତ ଦେଇ କହିଲେ ଯେ, ଏଥିରେ ଗୋଟିଏ ଧଳାରଙ୍ଗର ପଟି ଏବଂ ଏହା ଉପରେ ରାଷ୍ଟ୍ର ପ୍ରଗତିର ସଙ୍କେତ ଚରଖା ରହିବା ଆବଶ୍ୟକ।

୫. ୧୯୩୧ ମସିହାରେ ରାଷ୍ଟ୍ରୀୟ ପତାକାର ଏକ ସ୍ମରଣୀୟ ବର୍ଷ। ତ୍ରିରଙ୍ଗାକୁ ଆମର ରାଷ୍ଟ୍ରୀୟ ଧ୍ୱଜା ରୂପେ ଗ୍ରହଣ କରିବା ନିମନ୍ତେ ପ୍ରସ୍ତାବ ପାରିତ ହେଲା। ଏହା ବର୍ତ୍ତମାନର ପତାକାର ପୂର୍ବଜ ଅଟେ। ସେହି ପତାକାରେ ନାରଙ୍ଗୀ, ଧଳା, ସବୁଜ ରଙ୍ଗ ଥିଲା ଏବଂ ମଝିରେ ଚରଖା ଥିଲା।

୬. ୨୨ ଜୁଲାଇ ୧୯୪୭ ମସିହାରେ ସମ୍ବିଧାନ ସଭା ଏହାକୁ ଭାରତୀୟ ରାଷ୍ଟ୍ରୀୟ ଧ୍ୱଜା ରୂପେ ଗ୍ରହଣ କଲା। ସ୍ୱାଧୀନତା ମିଳିବା ପରେ ଏହାର ରଙ୍ଗ ଏବଂ ମହତ୍ତ୍ୱକୁ ଗ୍ରହଣ କଲା। କେବଳ ପତାକାରେ ଚରଖା ସ୍ଥାନରେ ସମ୍ରାଟ ଅଶୋକଙ୍କ ଧର୍ମଚକ୍ର ସ୍ଥାନିତ କରାଯାଇଥିଲା। ଏହି ପ୍ରକାରରେ ତ୍ରିରଙ୍ଗା ଧ୍ୱଜା ସ୍ୱାଧୀନ ଭାରତର ତ୍ରିରଙ୍ଗା ହେଲା।

# ଆ ଇ ନା

ସୁମାୟରା
୮ ବର୍ଷ





ଗାୟତ୍ରୀ
୫ ବର୍ଷ



ପ୍ରତ୍ୟୁଷ
୭ ବର୍ଷ